SHREE JAGANNATHA
TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ମାର୍ଚ୍ଚ - ୨୦୨୪ MARCH-2024

## ପାପମୋଚନୀ ଏକାଦଶୀ

ଚୈତ୍ର ମାସ କୃଷ୍ଣପକ୍ଷ ଏକାଦଶୀକୁ ପୁରାଣମାନଙ୍କରେ 'ପାପମୋଚନୀ ଏକାଦଶୀ' ନାମରେ ଅଭିହିତ କରାଯାଏ ।

ଏକଦା ମହର୍ଷି ଚ୍ୟବନଙ୍କ ପୁତ୍ର ମୁନିବର ମେଧାବୀ ଚୈତ୍ର ରଥ ନାମକ ବନରେ କଠୋର ତପସ୍ୟା କରୁଥିଲେ । ତାଙ୍କ ତପସ୍ୟାରେ ବିଘ୍ନ ଘଟାଇବା ପାଇଁ ମଞ୍ଜୁଘୋଷା ନାମକ ଅପ୍ସରା ସେହି ବନକୁ ଗଲା, କିନ୍ତୁ ସେ ମୁନିଙ୍କ ଆଶ୍ରମର ଏକ କୋଶ ଦୂରରେ ହିଁ ରହିଗଲା । ସେଠାରେ ସେ ନିଜର ମୋହକ ଗାନ ଆରମ୍ଭ କରିଦେଲା । ଦୈବାତ୍ ମେଧାବୀ ମୁନି ଉକ୍ତ ମାର୍ଗରେ ଅଗ୍ରସର ହେଉଥିଲେ । ଯେତେବେଳେ ତାଙ୍କ କାନରେ ମଞ୍ଜୁଘୋଷାର ମୋହକ ସ୍ୱର ପଡ଼ିଲା, ସେ ସେହି ଦିଗରେ ଆଗେଇଲେ । ପୁନଃ ମେଧାବୀ ମୁନି ସ୍ୱରରେ ଆକର୍ଷିତହୋଇ ତା'ପାଖରେ ପହଞ୍ଚିଲେ । ସେ ତା'ର ସୁନ୍ଦର ରୂପ ପ୍ରତି ଆକୃଷ୍ଟ ହେଲେ । ମଞ୍ଜୁଘୋଷା ଉଚିତ୍ ଅବସର ଦେଖି ତାଙ୍କୁ ମୋହକ-



ପାଶରେ ଆବଦ୍ଧ କଲା । ସେ ଦୁହେଁ ସେଠାରେ ଗୃହସ୍ଥ ଜୀବନ ଅତିବାହିତ କଲେ । ମୁନିଙ୍କୁ ରାତି ଦିନ କିଛି ଜଣା ପଡୁ ନଥିଲା । ଏହିପରି ଦୀର୍ଘକାଳ ବିତିଗଲା । ଦିନେ ମଞ୍ଜୁଘୋଷା ଯିବା ପାଇଁ ଆଜ୍ଞା ମାଗିଲା । କିନ୍ତୁ ମୁନିଙ୍କୁ ତ' ବୋଧ ହେଉଥିଲା ଯେ ଏବେ ଗୋଟିଏ ରାତି ବିତିଛି । ମୁନି କହିଲେ- 'ସକାଳ ହେଉ, ମୁଁ ସନ୍ଧ୍ୟା ତର୍ପଣ କରିବି ତାପରେ ତୁମେ ଚାଲିଯିବ । ଅପ୍ସରା ହସି କରି କହିଲା- ଏବେ ତ' ଶହ ଶହ ସକାଳ ବିତିଯାଇଛି । ଏକଥା ଶୁଣି ମୁନି ବିସ୍ମିତ ହେଲେ । ଗଣନା କରି ଦେଖିଲେ ଯେ ଅଦ୍ୟାବଧି ସତାବନ ବର୍ଷ ବିତିଗଲାଣି । ମୁନି ବିଚଳିତ ହୋଇଗଲେ । ତାଙ୍କୁ ଚାରିଆଡ଼ ଅନ୍ଧାର ଦିଶିଲା । ସେ ବୁଝି ପାରିଲେ ଯେ ମଞ୍ଜୁଘୋଷାର ଏହି ପ୍ରୟାସ ତାଙ୍କ ତପସ୍ୟା ଭଙ୍ଗ କରିବା ପାଇଁ ଉଦ୍ଦିଷ୍ଟ ଥିଲା । କ୍ରୋଧରେ ମୁନି ଅପସରାକୁ ଅଭିଶାପ ଦେଲେ- 'ତୁ ମୋର ତପସ୍ୟା ନଷ୍ଟ କରିଛୁ, ଅତଏବ ପିଶାଚୀ ହୋଇଯା' । ଅପସରା ବହୁ ଅନୁନୟ ବିନୟ କଲାପରେ ମୁନି ଶାପୋଦ୍ଧାରର ଉପାୟ କହିଲେ- 'ଚୈତ୍ର କୃଷ୍ଣ ଏକାଦଶୀର ନାମ 'ପାପମୋଚନୀ ' ଅଟେ ତାର ଅନୁଷ୍ଠାନରେ ପିଶାଚତା ଦୂର ହେବ । ମୁଁ ମଧ୍ୟ ସେହି ଅନୁଷ୍ଠାନ ଦ୍ୱାରା ମୋର ପାପରୁ ମୁକ୍ତ ହେବି ।' ଦୁହେଁ ପାପମୋଚନୀ ଏକାଦଶୀ ବ୍ରତ ପାଳନ କରି ନିଜ ନିଜ ପାପରୁ ମୁକ୍ତ ହୋଇଗଲେ । ମଞ୍ଜୁଘୋଷା ପିଶାଚୀରୁ ପୁନଃ ଅପ୍ସରା ହେଲାବେଳେ ମେଧାବୀ ପୂର୍ବ ତେଜ ଫେରି ପାଇଲେ ।

ଶ୍ରୀମନ୍ଦିର ପରମ୍ପରା ଅନୁସାରେ ପ୍ରତ୍ୟେକ ଏକାଦଶୀ ନୀତି ସନ୍ଧ୍ୟା ଆଳତି ପରେ ହୋଇଥାଏ । ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କର ବେଶ ମଇଲମ ହୋଇ ଶାଢ଼ି, ଖଣ୍ଡୁଆ ଲାଗି ହୋଇଥାଏ । ତିନିଜଣ ପୁଷ୍ପାଳକ ସେବକ ସନ୍ଧ୍ୟା ଆଳତି କରିଥାଆନ୍ତି । ତାପରେ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ହୁଏ । ସର୍ବାଙ୍ଗ ପୂର୍ବରୁ ମହାଜନ ସେବକ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନ ଉପରେ ବିଜେ କରାଇଥାଆନ୍ତି । ଶ୍ରୀମଦନମୋହନ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତହୋଇ ପାଲିଙ୍କିରେ ବେଢ଼ା ବୁଲା କରିଥାଆନ୍ତି । ଏହାପରେ ଜୟ-ବିଜୟ ଦ୍ୱାର ଠାରେ ବିଜେ ପୂର୍ବକ ଭୋଗ, ଆଳତି, ବନ୍ଦାପନା ଆଦି ନୀତି ପରେ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥାଆନ୍ତି ।

ଏକାଦଶୀ ରାତ୍ରିରେ ମହାଦୀପ ଆଳତି ହୁଏ, ସନ୍ଧ୍ୟାଧୂପ ପରେ ଗରୁଡ଼ ସେବକ ଘିଅ, ନୂଆକନା କଦଳୀ ବାସୁଙ୍ଗାରେ ବଳିତା ପ୍ରସ୍ତୁତ କରି ରତ୍ନ ସିଂହାସନ ନିକଟକୁ ଯାଇଥାଆନ୍ତି । ତିନି ବାଡ଼ରେ ପୂଜାପଣ୍ଡା ସେବକ ବଳିତାକୁ ସଂସ୍କାର କରି ମହାଦୀପ ଆଳତି କରନ୍ତି । ଏହି ମହାଦୀପ ରତ୍ନ ସିଂହାସନ ଚତୁଃପାର୍ଶ୍ୱ, ଜୟ-ବିଜୟ ଦ୍ୱାର, ବିମଳା ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ । ସେଠାରେ ଶ୍ରୀନୀଳଚକ୍ରଙ୍କ ନିମିତ୍ତ ତୁଳସୀ, ଚନ୍ଦନ ପୂଜାପଣ୍ଡାଙ୍କ ଠାରୁ ନେଇଥାଆନ୍ତି । ଗରୁଡ଼ ସେବକମାନେ ଦଧିନଉତି ତଳେ ଦଣ୍ଡାୟମାନ ହୋଇ ନୀଳଚକ୍ରରେ ତୁଳସୀ, ଚନ୍ଦନ ପ୍ରସାଦ ଲାଗି କରାଇ ମହାଦୀପ ଓ ଚନ୍ଦ୍ରଉଦିଆ ଲଗାଇ ତିନିଘେରା ପରିକ୍ରମା କରିଥାଆନ୍ତି । ପରିକ୍ରମା ସମୟରେ ସେ ତାଙ୍କର ପାରମ୍ପରିକ ଡାକରେ ପୁରୀ ଗଜପତି ମହାରାଜାଙ୍କ ନାମ ଉଚ୍ଚାରଣ ପୂର୍ବକ ତାଙ୍କର ଶୁଭମନାସି, ସଂସାରର ମଙ୍ଗଳ କାମନା କରି ଶେଷରେ 'ହରିବୋଲ' ଡାକ ଦେଇଥାଆନ୍ତି ।

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*● ମିଶ୍ର ଲେନ୍- ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ରାଜାଗ୍ନ୍ୟୁତ୍ସବ ବା ମେଣ୍ଢାପୋଡ଼ି :

ତା ୨୪.୩.୨୪ ରିଖ ରବିବାର ଫାଲଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ପୂର୍ବ ପରମ୍ପରା ପ୍ରକାରେ ମଧ୍ୟାହ୍ନ ଧୂପ ସରି ମୈଲମ ହେଲାପରେ ପାଳିଆ ମେକାପ ଭଣ୍ଡାର ଘର ଠାରୁ ଚ଼ନ୍ଦନ ବିଜେ କରିବା ପରେ ପାଳିଆ ପୁଷ୍ପାଳକମାନେ ସର୍ବାଙ୍ଗ ଲାଗି କରିଥିଲେ । ଏହା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣି ଘରକୁ ଛେରୀ ବେଶ ନିମନ୍ତେ ବିଜେ ହୋଇଥିଲେ । ଭିତରେ ବେଶ ବଢ଼ି ପାଣିପଡ଼ି ଛେରୀ ଭୋଗ ଆସିଲା ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୋଇଥିଲେ । ମୁଦିରସ୍ତ



ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନି ଜଣ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ । ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଘଟୁଆରୀ ଘର ଠାରୁ ଘଣ୍ଟ, ଛତା, କାହାଳୀ ପଟୁଆରରେ ଚନ୍ଦନ ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରିଥିଲେ । ଏହାପରେ ବନ୍ଦାପନା, ସିଂହାସନ ତଳେ ମୁଦିରସ୍ତଙ୍କ ଦ୍ୱାରା ଝିମିରି ଫଗୁ ଅଞ୍ଜଳି ହୋଇ ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି ହୋଇଥିଲା । ଚାମର, ଆଲଟ କଲାପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ହାତରେ ବିଜେ ହୋଇ ବିଜେ ପ୍ରତିମାମାନେ ଲକ୍ଷ୍ମୀଙ୍କ ଜଗମୋହନରେ ପୂର୍ବରୁ ପଡ଼ିଥିବା ପଲଙ୍କ ଉପରକୁ ବିଜେ ହୋଇଥିଲେ । ସେଠାରେ ଲକ୍ଷ୍ମୀନାରାୟଣଙ୍କ ଫଗୁ ଖେଳ ସରିଲା ପରେ ପ୍ରସାଦ ଲାଗି ଓ ବନ୍ଦାପନା ହୋଇଥିଲା । ଏହାପରେ ବିମାନରେ ବିଜେ ହୋଇ ସିଂହଦ୍ୱାର ଦେଇ ଦୋଳବେଦୀ ଠାରେ ଅଗ୍ନି ଉତ୍ସବ ସ୍ଥାନକୁ ବିଜେ କରିଥିଲେ । ଦୋଳବେଦୀ ଠାରେ ପୂଜାପଣ୍ଡା ହୋମ କଲାପରେ ପ୍ରସାଦ ଲାଗି ହୋଇ ଚାମର, ଆଲଟ ହୋଇଥିଲେ । ଅଗ୍ନି ଗୃହରେ ଅଗ୍ନି ସଂଯୋଗ ପରେ ବିମାନ ଅଗ୍ନି ଘର ଚାରିପଟେ ୭ ଘେରା ବୁଲି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣିମା ଓ ରାଜାଧିରାଜ ବେଶ :

ତା ୨୫.୩.୨୪ ରିଖ ସୋମବାର ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିଲା ପରେ ମୈଲମ ହୋଇ ଶ୍ରୀବିଗ୍ରହମାନେ ସର୍ବାଙ୍ଗ ଲାଗି ହୋଇଥିଲେ । ନୂଆ ବୋଇରାଣି ଶାଢ଼ୀ ଖଣ୍ଡୁଆ ଲାଗି ସହିତ ତ୍ରିମୁଣ୍ଡିରେ ଗଭା ଲାଗି ହୋଇଥିଲେ । ଏହାପରେ ମେକାପ ଘରୁ ଖଇକୋରା ଭୋଗ ଆସିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରିଥିଲେ । ଇତ୍ୟବସରରେ ମହାଜନ, ଅଖଣ୍ଡ, ମେକାପ, ଗରାବଡୁ, ପାଳିଆ ଖୁଣ୍ଟିଆଙ୍କ ଦ୍ୱାରା ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ସିଂହାସନ ଚାରିପଟେ ୭ ଘେରା ବେଢ଼ା ପରିକ୍ରମା କରିଥିଲେ । ଏହାପରେ ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ ହୋଇଥିଲେ । ଏଠାରେ ମହାସ୍ନାନ, ମାଜଣା ଓ ବନକଲାଗି ହୋଇ ନୂଆ ପାଟ ଓ ଶାଢ଼ୀ ଲାଗି ହୋଇ ମାଳଫୁଲ ଲାଗି ହୋଇଥିଲେ । ଏହାପରେ ଶୀତଳଭୋଗ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଭୋଗ ସରିଲା ପରେ ବନ୍ଦାପନା ହୋଇ ବିମାନକୁ ବିଜେ ପ୍ରତିମାମାନେ ବିଜେ ହୋଇଥିଲେ । ବିମାନରେ ଶ୍ରୀମନ୍ଦିରର ଭିତର ବେଢ଼ାକୁ ୭ ଘେରା ବେଢ଼ା କରିସାରିଲା ପରେ ଦୋଳବେଦୀକୁ ବିଜେ ହୋଇଥିଲେ । ଦୋଳବେଦୀ ଚାରିପଟେ ୭ଥର ବେଢ଼ା ହୋଇ ରୁନ୍ଧା ଫିଟିଲା ପରେ ବେଦୀ ଉପରେ ମହାଜନଙ୍କ ହାତରେ ୭ଥର ବେଢ଼ା ବୁଲି ଦୋଳିରେ ବିଜେ କରିଥିଲେ । ସେଠାରେ ସର୍ବସାଧାରଣ ଦର୍ଶନ ସରିଲା ପରେ ମହାସ୍ନାନ ବଢ଼ି ବେଶ ହୋଇଥିଲେ । ପରେ ପାଣିପଡ଼ି କ୍ରମାନ୍ୱୟରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ସକାଳଧୂପ, ମଧ୍ୟାହ୍ନଧୂପ ଓ ସନ୍ଧ୍ୟାଧୂପ ଷୋଡ଼ଶୋପଚାରରେ ସମାପନ ହୋଇଥିଲା । ଏହାପରେ ଦୋଳିରୁ ଓହ୍ଲାଇ ନିଉଛାଳି ପରେ ପୁନର୍ବାର ବେଦୀର ସିଂହାସନ ଚାରିପଟେ ୭ ଘେରା, ସିଂହାସନ ତଳ ମଣ୍ଡପରେ ୭ ଘେରା, ବିମାନକୁ ଆସି ବିମାନରେ ବେଦୀ ଚାରିପଟେ ୭ ଘେରା ପରିକ୍ରମା କଲାପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ମନ୍ଦିର ମଧ୍ୟରେ ୭ ଘେରା ପରିକ୍ରମା କଲାପରେ ବିମାନ ସରସ୍ୱତୀଙ୍କ ମନ୍ଦିର ନିକଟରେ ରହିଥିଲା । ସେଠାରେ ଶୀତଳଭୋଗ, ବନ୍ଦାପନା ହେବାପରେ ବିମାନ ସାତ ପାହାଚ ଦେଇ ଭିତର କାଠ ପାଖକୁ ଆସିବା ପରେ ବନ୍ଦାପନା ଓ ଜଳଲାଗି ହୋଇ ଦକ୍ଷିଣି ଘରକୁ ଶ୍ରୀଦୋଳଗୋବିନ୍ଦ ଏବଂ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ ହୋଇଥିଲେ । ଏହି ଦିନ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ ବା ରାଜାବେଶ' ଅନୁଷ୍ଠିତ ହୋଇଥିଲା । ସିଂହାସନ ଚାରିପଟେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ୭ଥର ବେଢ଼ା ପରିକ୍ରମା କରି ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ କରିବା ପରେ ଶ୍ରୀବିଗ୍ରହମାନଙ୍କର ମଇଲମ ହୋଇ ରାଜବେଶ ହୋଇଥିଲା । ତତ୍ପରେ ଶ୍ରୀମନ୍ଦିରରେ ଗୋପାଳବଲ୍ଲଭ ଓ ସକାଳଧୂପ ଏବଂ ଭୋଗମଣ୍ଡପ ନୀତି ଶେଷ ହୋଇଥିଲା । ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଭକ୍ତମାନେ ଦୋଳବେଦୀରେ ବିଜେ ପ୍ରତିମାମାନଙ୍କୁ ଦର୍ଶନ କରିବାସହ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହମାନଙ୍କର ମହାର୍ଘ ସୁନାବେଶ ଦର୍ଶନ କରିଥିଲେ ।

## ଶ୍ରୀମନ୍ଦିରରେ ହୋଲି :

ତା ୨୬.୩.୨୪ ରିଖ ମଙ୍ଗଳବାର ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ ହୋଲି ଉତ୍ସବ ନିମନ୍ତେ ମଧ୍ୟାହ୍ନ ଧୂପ ବେଶରେ ତିନି ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ସରି ପାଣିପଡ଼ିଲା ପରେ ଦକ୍ଷିଣି ଘର ଭୋଗ ସରିଥିଲା ଓ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହୋଇଥିଲେ । ଏହାପରେ ପୂଜାପଣ୍ଡା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଜ୍ଞାମାଳ ଦେଲା ପରେ ମହାଜନମାନେ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇ ରୁନ୍ଧା ସରିଲା ପରେ ମାଳଫୁଲ ଲାଗି କରିଥିଲେ । ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବିମାନବଡୁମାନଙ୍କ ଦ୍ୱାରା ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ରାସ୍ତାରେ ନରେନ୍ଦ୍ର ଚକଡ଼ାକୁ ବିଜେ କରିଥିଲେ । ସେଠାରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଶୀତଳଭୋଗ କରିଥିଲେ । ଭୋଗ ପରେ ମୁଦିରସ୍ତ ବନ୍ଦାପନା କରି ଚାମର, ଆଲଟ କରିଥିଲେ । ଏଠାରେ ସମସ୍ତ ନୀତି ସରିବା ପରେ ଦିଅଁମାନେ ବିଜେ ହୋଇ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ଏବଂ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବିଜେ ହୋଇଥିଲେ ।

## ଅପ୍ରେଲ୍ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୫.୪.୨୪ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ପାପମୋଚ଼ନୀ ଏକାଦଶୀ |
| ତା. ୧୨.୪.୨୪ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ |
| ତା. ୧୪.୪.୨୪ ରିଖ ରବିବାର | ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ |
| ତା. ୧୬.୪.୨୪ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଜେଉଟ ଭୋଗ ଓ ଅଶୋକାଷ୍ଟମୀ |
| ତା. ୧୭.୪.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀରାମନବମୀ |
| ତା. ୧୮.୪.୨୪ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଯଜ୍ଞରକ୍ଷା, ସୁଦଶାବ୍ରତ |
| ତା. ୧୯.୪.୨୪ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ସୀତା ବିବାହ ଓ କାମଦା ଏକାଦଶୀ |
| ତା. ୨୦.୪.୨୪ ରିଖ ଶନିବାର | ଶ୍ରୀମନ୍ଦିରରେ କନ୍ଦର୍ପ ଅଧିବାସ, ବନବାସ |
| ତା. ୨୧.୪.୨୪ ରିଖ ରବିବାର | ଶ୍ରୀମନ୍ଦିରରେ ଦୟଣା ଚୋରୀ ଓ ଅନଙ୍ଗ ତ୍ରୟୋଦଶୀ |
| ତା. ୨୨.୪.୨୪ ରିଖ ସୋମବାର | ଶ୍ରୀମନ୍ଦିରରେ ଦମନକ ଚ଼ତୁର୍ଦ୍ଦଶୀ, ଦୟଣା ବେଢ଼ା, ମାୟାମୃଗ ଓ ସୀତା ଚୋରୀ |
| ତା. ୨୩.୪.୨୪ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଲଙ୍କାପୋଡ଼ି ଓ ଚୈତ୍ର ପୂର୍ଣ୍ଣମୀ |
| ତା. ୨୪.୪.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ |
| ତା. ୨୬.୪.୨୪ ରିଖ ଗୁରୁବାର | ଶ୍ରୀମନ୍ଦିରରେ ରାବଣ ବଧ ପ୍ରସ୍ତାବ |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଫଟୋରେ ଖବର...



ତା ୨୯.୨.୨୪ : ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ



ତା ୧.୩.୨୪ : ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମା, ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୯.୩.୨୪ : ଶ୍ରୀମନ୍ଦିର ରତ୍ନ ଭଣ୍ଡାର କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଅରଜିତ୍ ପଶାୟତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଗହଣରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୨.୩.୨୪ : ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିଆ ଗ୍ରାମର ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ନାୟକ ମହାପ୍ରଭୁଙ୍କ ନିମନ୍ତେ ୧୨ ଲକ୍ଷ ୫୦ ହଜାର ଟଙ୍କା ଚେକ୍ ମାଧ୍ୟମରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଉପସ୍ଥିତିରେ ପ୍ରଦାନ କରିଅଛନ୍ତି



ତା ୧୫.୩.୨୪ : ଛତିଶଗଡ଼ ଉଚ୍ଚ ନ୍ୟାୟଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ରମେଶ ସିହ୍ନା ସପରିବାର ଶ୍ରୀମନ୍ଦିର ଲୋ.ସଂ. ଅଧିକାରୀ ଶ୍ରୀଯୁକ୍ତ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୬.୩.୨୪ : ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ-ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରକାଶନ ଓ ପ୍ରସାର ଉପ-ସମିତି ଅନ୍ତର୍ଗତ 'ସ୍ୱାଧ୍ୟାୟ ପ୍ରକଳ୍ପ ମଣ୍ଡଳୀ' ବୈଠକ

# ଫଟୋରେ ଖବର...



ତା ୧୮.୨.୨୪ : ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ



ତା ୧୯.୩.୨୪ : ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ 'କର୍କଟ ରୋଗ ସଚେତନତା' ଶିବିର



ତା ୨୦.୩.୨୪ : ଫଗୁ ଦଶମୀ ଅବସରରେ ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କ ସହ ଦୋଳ ଉତ୍ସବ ନୀତି ପାଇଁ ଜଗନ୍ନାଥ ବଲ୍ଲଭକୁ ଯାଉଅଛନ୍ତି



ତା ୨୩.୩.୨୪ : ଭାରତୀୟ ହକି ଦଳର ସଦସ୍ୟ ଏବଂ କର୍ମକର୍ତ୍ତାବୃନ୍ଦ ମହାପ୍ରଭୁଙ୍କ ଦର୍ଶନ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିଚ୍ଛଳନା କମିଟିର ସେବକ ସଦସ୍ୟ ଏବଂ ଲୋ.ସଂ. ଅଧିକାରୀ ଶ୍ରୀ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଦ୍ୱାରା ମହାପ୍ରଭୁଙ୍କ 'ଲାଗି ଖଣ୍ଡୁଆ' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଉଅଛି





ତା ୨୫.୩.୨୪ : ଦୋଳ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ଚ଼ତୁଃପାର୍ଶ୍ୱରେ ଆଧ୍ୟତ୍ମିକ ପରିବେଶ ସୃଷ୍ଟି ନିମନ୍ତେ ଶ୍ରୀମନ୍ଦିର ପରିଚ୍ଛଳନା କମିଟିର ସଦସ୍ୟବୃନ୍ଦ ଏବଂ ଶ୍ରୀମନ୍ଦିର ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ସିଂହଦ୍ୱାର ସମ୍ମୁଖରେ ବେଦପାଠ ଏବଂ ନାମ ସଂକୀର୍ତ୍ତନ କରାଯିବା ସହ ସନ୍ଧ୍ୟାରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ସେବକ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା 'ଭକ୍ତି ସଙ୍ଗୀତ' ପରିବେଷଣ କରାଯାଉଅଛି

ପୁସ୍ତକ-ଯୁଗେ ଯୁଗେ ରଥଯାତ୍ରା ... ପୂର୍ବ ପ୍ରକାଶିତ ଉତ୍ତାରୁ ...

## (୨୨) ୧୮୮୦ ମସିହା ପୁରୀ ରଥଯାତ୍ରା (ଭାଗ-୧୫-ସଂଖ୍ୟା ୩୦ - ତା ୨୪ରିଖ, ଜୁଲାଇ)

ଦ୍ୱିତୀୟତଃ ବାରିକମାଷ୍ଟରୀ ମହକୁମାରୁ ଯଥା ସମୟରେ ରଥ ଦେଖିବା ଓ ତହିଁରେ କିଛି ଦୋଷ ଥିଲେ ତାହାକୁ ସଂଶୋଧନ କରାଇବାର ଚେଷ୍ଟା ହୋଇଥାଆନ୍ତା । ଓବରସିୟର ପ୍ରତି ସଦର ଅଫିସରୁ ତମ୍ୱି ଥିଲେ ସେ କଦାଚ ଯାତ୍ରା ସମୟରେ ବାଧା ଦେଇପାରନ୍ତେ ନାହିଁ ଏବଂ ତାହାଙ୍କର ତଦାରଖ ଯେ ଅତ୍ୟନ୍ତ ଅକର୍ମଣ୍ୟ ସେ ବିଷୟରେ ଦ୍ୱିମତ ନାହିଁ କାରଣ ସ୍ୱୟଂ ରଥମାନେ ନିର୍ବିଘ୍ନରେ ଚାଲିଯିବା ଦ୍ୱାରା ତହିଁର ସାକ୍ଷ ଦେଇଅଛନ୍ତି । ଏମନ୍ତ ଗୁରୁତର କାର୍ଯ୍ୟରେ ଜଣେ ଓବରସିୟର ଉପରେ ନିର୍ଭର କରିବା ବାରିକମାଷ୍ଟର ସାହେବଙ୍କର ଉଚିତ ହୋଇନାହିଁ । ତୃତୀୟତଃ ପୁଲିସ ସାହେବଙ୍କର ଅଯଥା କର୍ତ୍ତୃତ୍ୱ କରିବାର ଉଚିତ ନ ଥିଲା । ଶାନ୍ତି ରକ୍ଷା ତାହାଙ୍କର କାର୍ଯ୍ୟ ଏଥିପାଇଁ ସେ ରଥଟଣା ସମୟରେ ଉପସ୍ଥିତ ରହନ୍ତେ ତାହାଙ୍କର ସୁବିଧା ସକାଶେ ସାଧାରଣଙ୍କର ଧର୍ମ ସମ୍ପର୍କୀୟ କାର୍ଯ୍ୟ ସ୍ଥଗିତ ରଖିବାର ଉଚିତ ହୋଇନାହିଁ । ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ମାନ୍ୟବର ଲେଫ୍ଟନଣ୍ଟ ଗବର୍ଣ୍ଣର ଏଥିର ତଦନ୍ତ ଆରମ୍ଭ କରିଅଛନ୍ତି ଏବଂ ଭରସା କରୁଁ ଯେ ଭବିଷ୍ୟତକୁ ଏପରି ଗୋଳଯୋଗ ନିବାରଣ ପକ୍ଷରେ ବିହିତ ଉପାୟ କରିବେ ।

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଅବଗତ ହେଲୁ ଯେ ବାହୁଡ଼ା ଦଶମୀ ଦିନ ରଥମାନ ଦକ୍ଷିଣମୁଖା ହେବାର ତେଣିକି ଥାଉ ଗତ ବୁଧବାର ପର୍ଯ୍ୟନ୍ତ ତାହା ହୋଇ ନଥିଲା । ସୁତରାଂ ଠାକୁରମାନେ ଅବଧି ମନ୍ଦିରକୁ ଫେରି ଆସିବାର ସମ୍ଭବ ନୁହଇ ।



ଏଥିରେ ଯେ ଅନ୍ନମହାପ୍ରସାଦ ବିନା ଲୋକଙ୍କର କେତେ କଷ୍ଟ ହେଉଥିବ ବୋଲାଯାଇ ନ ପାରେ । ପୁଲିସର ଶୈଥିଲ୍ୟ ଏଥିର କାରଣ ଅଟଇ ଓ କଥିତ ହୁଅଇ ଯେ ମ୍ୟାନେଜର କମିଶ୍ନର ଓ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରୁ ପୁଲିସ ଓ ମାଜିଷ୍ଟ୍ରେଟ ଉଭୟ ତାହାଙ୍କ ଉପରେ ରାଗାନ୍ୱିତ ହୋଇଅଛନ୍ତି । ପୁଲିସ କର୍ମଚାରୀମାନେ ଚାରିଟାବେଳେ ଆସି ପାଞ୍ଚଟା ବେଳେ ଫେରିଗଲେ କଦାଚ ଏ କର୍ମ ନିର୍ବାହ ହେବାର ନୁହଇ । ଆମ୍ଭେମାନେ ଆଶା କରୁକି ନୂତନ କମିଶ୍ନର ଏଥିର ବିହିତ ବନ୍ଦୋବସ୍ତ କରିଦେବେ ।

X X X X

### ପ୍ରେରିତ ପତ୍ର- TRUE JUGANNATHI

ମହାଶୟ !

ରଥଯାତ୍ରା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସର୍ବପ୍ରଧାନ ଯାତ୍ରା ଅଟଇ । ସରକାରି କର୍ମଚାରୀଙ୍କ ଗୁରୁତର ଦୋଷରେ ଏ ଯାତ୍ରାରେ ଏତାଦୃଷ ବ୍ୟତିକ୍ରମ ଘଟିଲା । ଏଥିରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର 'ଅଙ୍ଗସଙ୍ଗି ବନ୍ଧୁ (Personal Friend) ବା 'ଦୋସ୍ତ' ସେ ଦୁଃଖଜନକ ବ୍ୟତିକ୍ରମ ନିବାରଣ ପକ୍ଷରେ କିଛି ଉପାୟ କରିଥିଲେ ଟି କି ? ପ୍ୟାରୀବାବୁ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପର୍କୀୟ ଯେଉଁ ଘଟନା ଆପଣା ଇତିହାସରେ ଉଲ୍ଲେଖ କରିଥିଲେ ତହିଁରେ ମହାପ୍ରଭୁଙ୍କର ଲେଶମାତ୍ର କ୍ଷତି ନ ଘଟିବା ଅଥବା ତାଙ୍କର ପ୍ରକୃତ ଭକ୍ତ ଓ ସତ୍ୟ ହିନ୍ଦୁମାନେ ତହିଁରେ ଭୃକ୍ଷେପ ନ କରିବା ପ୍ରତ୍ୟକ୍ଷେ କାଳୀବାବୁ ପ୍ୟାରୀବାବୁ ବିରୁଦ୍ଧରେ ଏକାବେଳକେ ଖଡଗହସ୍ତ ହେଲେ ବୁଲିବା ବକିବା, ଲେଖିବା ଓ ବ୍ୟୟ କରିବାରେ ବାକୀ ନ ରଖିଲେ ଓ ଅନେକ ଅପ୍ରକୃତ ଜଗନ୍ନାଥୀ ବାହାର କଲେ ବର୍ତ୍ତମାନ ଯହିଁରେ ଜଗନ୍ନାଥଙ୍କର ବାସ୍ତବିକ କ୍ଷତି ଘଟିଲା ଅର୍ଥାତ୍ ସର୍ବପ୍ରଧାନ ଯାତ୍ରା ଛଅଦିନ କାଳ ବନ୍ଦ ହୋଇଗଲା ଓ ହିନ୍ଦୁ ସମାଜରେ ହାହାକାର ପଡ଼ିଲା ତାହା ନିବାରଣ ପକ୍ଷରେ ସେ ଯଥୋଚିତ ଚେଷ୍ଟା ନ କରି ତୁନି ହୋଇ ବସି ତମାସା ଦେଖିବାରେ ରହିଲେ ଏ ସ୍ଥଳେ କିପରି ତାଙ୍କୁ ଜଗନ୍ନାଥଙ୍କର ପ୍ରକୃତ 'ଦୋସ୍ତ' ବା ଭକ୍ତ ବୋଲାଯାଇପାରେ ? ଏ ସମ୍ବନ୍ଧେ ଆମ୍ଭେ ସମ୍ବାଦବାହିକା ସହିତ ଐକ୍ୟ ହେଉଅଛୁଁ ଓ ଅନୁମାନ କରୁଁ ଯେ କାଳୀବାବୁ କେବଳ ବୈରଭାବ ବଶରେ ପ୍ୟାରିବାବୁଙ୍କର କ୍ଷତି କରିବା ମାନସରେ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି କପଟ ଭକ୍ତି ପ୍ରକାଶ କରିଥିଲେ । ଆମ୍ଭେ ସିନା ଏହା ଏତେବେଳେ ଠଉରାଇଲୁଁ ବୋଧହୁଏ ସର୍ବ ଅନ୍ତର୍ଯ୍ୟାମୀ ଓ ସର୍ବଜ୍ଞ ପ୍ରଭୁ ଏହା ପୂର୍ବରୁ ଜାଣିଥିବାରୁ ପ୍ୟାରିବାବୁଙ୍କ ବିରୁଦ୍ଧରେ ହିନ୍ଦୁମାନଙ୍କୁ ମତାଇବା ପାଇଁ କାଳୀବାବୁଙ୍କର ଯତ୍ପରୋନାସ୍ତି ଚେଷ୍ଟାକୁ ବିଫଳ କରାଇ ଦେଲେ । ଆଉ କି ସେ ତାଙ୍କୁ ସୁପରଦଣ୍ଡ କରିବେ ନା କପଟ ଭକ୍ତିର ପ୍ରତିଫଳ ଦେବେ । ଯଦି ବୋଲ ସେ ହାକିମମାନଙ୍କୁ ଡରି ତୁନି ହୋଇ ରହିଲେ ତେବେ ଆଉ ମହାପ୍ରଭୁଙ୍କ ପ୍ରତି ଭକ୍ତି କୌଠି ରହିଲା ! ଅଳମତି ବିସ୍ତରେଣ ଶ୍ରାବଣ ଦି୭ନେ ସନ ୧୨୮୭ ସାଲ । ।ନି। ଯଥାର୍ଥବାଦୀ ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :

ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ

''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ପ୍ରାର୍ଥନା- ଓଁ ଯସ୍ୟ ଲୋମ୍ନି ସ୍ଥିତା ମେଘାଃ ସିନ୍ଧୁସାଗରନିମ୍ନଗାଃ ।
କୁକ୍ଷୌ ସମୁଦ୍ରାଷ୍ଟଦ୍ୱାରସ୍ତସ୍ମୈ ତୋୟାତ୍ମନେ ନମଃ ॥
ଓଁ ଆଦିତ୍ୟାଦି ନବଗ୍ରହେଭ୍ୟୋ ଦୁର୍ବାବଦରାକ୍ଷତପୁଷ୍ପାଣି ବୌଷଟ୍ ।
ପ୍ରାର୍ଥନା- ଓଁ ସୂର୍ଯ୍ୟସୋମାଙ୍ଗାରକଜ୍ଞଜୀବସୁକ୍ରାର୍କିରାହବଃ ।
କେତୁରେତେ ପ୍ରଯଚ୍ଛନ୍ତୁ ମମାୟୁର୍ବଳମୁତ୍ତମ୍ ॥
ଓଁ ଇନ୍ଦ୍ରାଦିଦଶଦିଗ୍ପାଳେଭ୍ୟୋ ଦୁର୍ବାବଦରାକ୍ଷତପୁଷ୍ପାଣି ବୌଷଟ୍ ।
ପ୍ରାର୍ଥନା- ଓଁ ଇନ୍ଦ୍ରାଗ୍ନିଯମନୈର୍ଋତବରୁଣାନିଳକୁବେରାଃ ।
ଶଙ୍କରଃ ପଦ୍ମଯୋନିଷ୍ଟାନନ୍ତୋ ମାଂ ପାତୁ ସର୍ବଦା ॥
ଓଁ ଗ୍ରାମଦେବତାୟୈ ଦୁର୍ବାବଦରାକ୍ଷତପୁଷ୍ପାଣି ବୌଷଟ୍ ।
ପ୍ରାର୍ଥନା- ଓଁ ସ୍ଥାନେଶ୍ୱରି ନମସ୍ତୁଭ୍ୟଂ ରୂପସୌଖ୍ୟପ୍ରଦାୟିନି ।
ସ୍ଥାନକାମପ୍ରଦେ ଦେବି ସଦାମଙ୍ଗଳକାରିଣି ॥ (ଇତି ବରୁଣ ପୂଜା)

ଅଥ ସ୍ୱସ୍ତିବାଚନମ୍ : ଓଁ ବିଷ୍ଣୁଃ କର୍ତ୍ତବ୍ୟେଽସ୍ମିନ୍ ଅମୁକସ ଗୋତ୍ରଃ, ଶ୍ରୀମାନ୍ ଅମୁକ ଦେବଶର୍ମା ମମ ପୂର୍ବଜନ୍ମାର୍ଜିତ ସର୍ବପାପ କ୍ଷୟପୂର୍ବକ ଶ୍ରୀଭଗବତୋ ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଷ୍ଟରଣାରବିନ୍ଦପ୍ରୀତୟେ ଶ୍ରୀଜଗନ୍ନାଥପଞ୍ଚରାତ୍ରପାରାୟଣ କର୍ମଣି ବ୍ରାହ୍ମଣାଃ ସ୍ୱସ୍ତି ଭବନ୍ତୋ ବୃବନ୍ତୁ ଏବଂ କର୍ମର୍ଦ୍ଧିଂ ଭବନ୍ତୋ ବୃବନ୍ତୁ ଚ ପୂଣ୍ୟାହଂ ଭବନ୍ତୋ ବୃବନ୍ତୁ ଅସ୍ମାନ୍ ।

ଓ ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୁଷା ବିଶ୍ୱଦେବାଃ, ସ୍ୱସ୍ତିନସ୍ତାର୍କ୍ଷୋଅରିଷ୍ଟନେମିଃ ସ୍ୱସ୍ତିନୋ ବୃହସ୍ପତିର୍ଦଧାତୁ । ଓଁ ସ୍ୱସ୍ତିଃ (ତ୍ରିବାରଂ) ଓଁ ଋଦ୍ଧାଃ କର୍ମଣ୍ୟା ଅନପାୟିନୋ ଯଥାସନ୍ । ଜୁହୋମି ତ୍ୱା ସୁଭଗସୌଭଗାୟ ପୁରୁତମମ୍ ।

ପୁରୁହୂତ ଶ୍ରବସ୍ୟନ୍ । କର୍ମ ଋଧତାଂ (ତ୍ରିବାରଂ)
ଓ ପୁନସ୍ତ୍ୱାଦିତ୍ୟାରୁଦ୍ରାବସବଃ ସମିନ୍ଧତାଂ ପୁନର୍ବ୍ରହ୍ମାଣୋ ବସୁନୀଥ ଯଜ୍ଞୈଃ ।
ଘୃତେନ ତ୍ୱଂ ତନ୍ୱଂ ବର୍ଦ୍ଧୟସ୍ୱ ସତ୍ୟାଃ ସନ୍ତୁ ଯଜମାନସ୍ୟ କାମାଃ ସ୍ୱାହା ।
ପୁଣ୍ୟାହଂ ତ୍ରିବାରଂ ପଠେତ୍ ।

ପୁଣ୍ୟାହଂ ବାଚନଂ- ଓଁ ସ୍ୱସ୍ତି ପୁଣ୍ୟାହଂ (ତ୍ରିବାରଂ) ଏବମସ୍ତୁ ବିଜ୍ଞାପୟାମ୍ୟୁଚ୍ୟତାଂ ଗୋବ୍ରାହ୍ମଣେଭ୍ୟଃ ଶୁଭଂ ଭବତୁ । ରାଜ୍ଞଃ ପ୍ରଜାନାଂ ଶାନ୍ତିର୍ଭବତୁ । ଅମୁକସ ଗୋତ୍ରେଣ ଶ୍ରୀମତା ଅମୁକଦେବଶର୍ମଣାମୟା ମମ ସକଳଦୁରିତଂ କ୍ଷୟକାମାଭୀଷ୍ଟସିଦ୍ଧୟେ ଶ୍ରୀବିଷ୍ଣୁପ୍ରୀତିକାମନାୟା ବୈକୁଣ୍ଠପ୍ରାପ୍ତ୍ୟାର୍ଥେ ଶ୍ରୀଜଗନ୍ନାଥ ପଞ୍ଚରାତ୍ରପାରାୟଣ କର୍ମାରମ୍ଭଃ କ୍ରିୟତେ ଯଦା ତଦା ତାରାବାରଗ୍ରହ ନକ୍ଷତ୍ରାଣାମମୃତଯୋଗୋଽସ୍ତୁ ସର୍ବେ ଗ୍ରହାଃ ସମ୍ୟକ୍ ରୂପେଣ ଏକାଦଶସ୍ଥା ଫଳଦା ଭବନ୍ତୁ । ଶୁଭଂ ଭବନ୍ତୁ-ତ୍ରିବାରଂ ପଠେତ୍ ।

ଅଥ ସଂକଳ୍ପଃ- ତାମ୍ରପାତ୍ରେ କୁଶ-ଅକ୍ଷତ-ଚନ୍ଦନ-ପୁଷ୍ପ-ଗୁବାକ-ତୁଳସୀ-ଦଳାନି ଦତ୍ତ୍ୱା ପଠେତ୍-ଓଁ ବିଷ୍ଣୁ ର୍ବିଷ୍ଣୁର୍ବିଷ୍ଣୁଃ ଗଙ୍ଗେ ଚ ଯମୁନେ ଚୈବ ଗୋଦାବରିସରସ୍ୱତି ନର୍ମଦେ ସିନ୍ଧୁକାବେରୀ ଜଳେଽସ୍ମିନ୍ ସନ୍ନିଧିଂ କୁରୁ । କୁରୁକ୍ଷେତ୍ର ଗୟାଗଙ୍ଗା-ପ୍ରଭାସ-ପୁଷ୍କରାଣି ଚ ଏତାନି ପୁଣ୍ୟତିର୍ଥାନି ଶ୍ରୀଜଗନ୍ନାଥ-ପଞ୍ଚରାତ୍ର ପାରାୟଣ-ସଂକଳ୍ପକାଳେ ଭବନ୍ତିହ ।

ଓ ବିଷ୍ଣୁର୍ବିଷ୍ଣୁର୍ବିଷ୍ଣୁଃ ଶୁକ୍ଳାମ୍ବରଧରଂ ଦେବଂ ଶଶିବର୍ଣ୍ଣଂ ଚତୁର୍ଭୁଜମ୍ ।
ପ୍ରସନ୍ନବଦନଂ ଧ୍ୟାୟେତ୍ ସର୍ବବିଘ୍ନୋପଶାନ୍ତୟେ ॥
ସ୍ମୃତେଃ ସକଳକଲ୍ୟାଣଃ ଭାଜନଂ ଯତ୍ର ଜାୟତେ ।
ପୁରୁଷଂ ତମଜଂ ନିତ୍ୟଂ ବ୍ରଜାମି ଶରଣଂ ହରିମ୍ ।
ଶଙ୍ଖଚକ୍ରଗଦାପାଣେ ଦ୍ୱାରକାନିଳୟାଚ୍ୟୁତ ।
ଗୋବିନ୍ଦ ପୁଣ୍ଡରୀକାକ୍ଷ ରକ୍ଷ ମାଂ ଶରଣାଗତମ୍ ॥

(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା


## (୭) ଶ୍ରୀନୃସିଂହଦେବ

ପରମପାବନ ଶ୍ରୀନୀଳାଚଳ ଧାମରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପୂର୍ବରୁ ଶ୍ରୀନୃସିଂହଦେବ ପୂଜାପାଉଥିବା ପ୍ରସଙ୍ଗ ବିଭିନ୍ନ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି । ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି, ସତ୍ୟଯୁଗରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଶ୍ରୀନୀଳାଚଳ କ୍ଷେତ୍ରକୁ ଆସି ଶ୍ରୀନୀଳମାଧବଙ୍କର ଅନ୍ତର୍ହିତ ହେବା ସମ୍ବାଦ ପାଇ ଦୁଃଖରେ ମ୍ରିୟମାଣ ହୋଇ ଦେବର୍ଷି ନାରଦଙ୍କ ସଂସର୍ଗରୁ ଦିବ୍ୟଗତି ଦ୍ୱାରା ନୀଳପର୍ବତର ଶିଖରକୁ ପ୍ରାପ୍ତହୋଇ ରମଣୀୟ କୃଷ୍ଣାଗୁରୁ ବୃକ୍ଷର ଅଧୋଭାଗରେ ଅବସ୍ଥାନ କରିଥିବା ଦିବ୍ୟ ନୃସିଂହ ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ତାଙ୍କର ତିନିଗୋଟି ନେତ୍ର ଉଗ୍ରଭାବାପନ୍ନ ଥିଲା । ସେ ନିଜର ଉରୁଦ୍ୱୟ ଉପରେ ଉତ୍ତାନଭାବରେ ଶାୟିତ ହିରଣ୍ୟକଶିପୁ ଦୈତ୍ୟର ବକ୍ଷଃସ୍ଥଳକୁ ବଜ୍ରସଦୃଶ କଠୋର ନଖଦ୍ୱାରା ବିଦାରଣ କରିବା ଭଙ୍ଗୀରେ ଦୃଶ୍ୟମାନ ହେଉଥିଲେ । ତାଙ୍କର ଶ୍ରୀଅଙ୍ଗର ଆଭା ଥିଲା ରକ୍ତବର୍ଣ୍ଣ ଓ ଜିହ୍ୱା ଲୁଳିତ । ଭୂମିକୁ ପ୍ରଚଣ୍ଡଭାବରେ ଆଘାତ କରିଥିବାରୁ ତାଙ୍କର ପାଦପଦ୍ମ ଭୂମଧ୍ୟରେ ପ୍ରବିଷ୍ଟ ହୋଇଥିଲା । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ପୂର୍ବରୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନୀଳପର୍ବତର ଶିଖରଦେଶରେ କୃଷ୍ଣାଗୁରୁ ତରୁର ଅଧୋଭାଗରେ ଶ୍ରୀନୃସିଂହଦେବଙ୍କୁ ଦର୍ଶନ କରିଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆବିର୍ଭାବ ପୂର୍ବରୁ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ନୀଳାଚଳ କ୍ଷେତ୍ରରେ ସହସ୍ର ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିଲେ । ନିର୍ବିଘ୍ନରେ ଯଜ୍ଞ ସମ୍ପାଦନ ନିମନ୍ତେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ଶ୍ରୀନୀଳକଣ୍ଠ ମହାଦେବଙ୍କ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଏକ ସୁରମ୍ୟ ମନ୍ଦିରରେ ଶ୍ରୀନୃସିଂହଦେବଙ୍କୁ ଅଧିଷ୍ଠିତ କରାଇଥିଲେ । ଅଥର୍ବ ବେଦରେ ଶ୍ରୀନୃସିଂହ ଦେବ ଗଣଦେବତା ରୂପେ ବର୍ଣ୍ଣିତ ହୋଇଛନ୍ତି । ଯଥା–

ନତ୍ୱା ନରହରିଂ ଦେବଂ ସର୍ବବିଘ୍ନପ୍ରଣାଶନମ୍ ।
ପିପ୍ପଳାଦପ୍ରସାଦାଚ୍ଚ ପଠାମ୍ୟଥର୍ବଣଂ ଶ୍ରୁତମ୍ ॥

ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ କାବ୍ୟରେ ଚତୁର୍ଥ ଅବତାର ଭାବରେ ଶ୍ରୀନୃସିଂହ ସ୍ତୁତିତ ହୋଇଛନ୍ତି । ଯଥା–

'ତବ କରକମଳବରେ ନଖମଦ୍ଭୁତଶୃଙ୍ଗଂ
ଦଳିତହିରଣ୍ୟକଶିପୁତନୁଭୃଙ୍ଗମ୍ ।
କେଶବ ! ଧୃତନରହରି ରୂପ !
ଜୟ ଜଗଦୀଶ ହରେ ॥



ଶ୍ରୀନୃସିଂହଙ୍କର ସାଧାରଣତଃ ଦୁଇଟି ରୂପର ଆରାଧନା କରାଯାଇଥାଏ । ଗୋଟିଏ ରୂପ ଶାନ୍ତନୃସିଂହ ଓ ଅନ୍ୟ ରୂପଟି ହେଉଛି ଉଗ୍ରନୃସିଂହ । ଶାସ୍ତ୍ରୀୟ ଦୃଷ୍ଟିରୁ ବିଚାର କଲେ ଜଣାଯାଏ, ଶ୍ରୀନୃସିଂହଙ୍କ ଆବିର୍ଭାବର ପ୍ରଥମ ରୂପଟି ହେଉଛି ଉଗ୍ରନୃସିଂହ ଓ ପରବର୍ତ୍ତୀ ରୂପ ହେଉଛି ଶାନ୍ତ ନୃସିଂହ । ସ୍କନ୍ଦପୁରାଣରୁ ଜଣାଯାଏ, ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହ ପ୍ରତିଷ୍ଠିତ ହେବାପରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ତାଙ୍କୁ ଅଦ୍ଭୁତ ଆକାର ଉଗ୍ରନୃସିଂହ ରୂପରେ ଦର୍ଶନ କଲେ । ସେ ଦେଖିଲେ, ସେହି ନୃସିଂହଦେବ ଯେପରି ତେଜ ପ୍ରଦୀପ୍ତ ଜିହ୍ୱାଦ୍ୱାରା ସମଗ୍ର ଜଗତକୁ ଅବଲେହନ କରୁଅଛନ୍ତି । ସେହି ସମୟରେ ଜଣାଗଲା, ଯେପରି କାଳାଗ୍ନି ରୁଦ୍ର ସଦୃଶ ଆବିର୍ଭୂତ ହୋଇ ସମସ୍ତ ଜଗତକୁ ଗ୍ରାସ କରିବାକୁ ଉଦ୍ୟତ ହୋଇଅଛନ୍ତି । ତାଙ୍କର ଚକ୍ଷୁ, କର୍ଣ୍ଣ, ମୁଖ, ନାସିକା, କଟି ଓ ହସ୍ତପଦାଦି ଅସଂଖ୍ୟଭାବରେ ଦେଖାଗଲା । ଜଣାଯାଉଥିଲା, ତାଙ୍କର ତେଜରେ ସ୍ୱର୍ଗ ଓ ମର୍ତ୍ତ୍ୟର ମଧ୍ୟଭାଗ ପରିବ୍ୟାପ୍ତ ହୋଇଅଛି । ଏତାଦୃଶ ସର୍ବାଶ୍ଚର୍ଯ୍ୟମୟ ଭୟଙ୍କର ବିଗ୍ରହ ଦର୍ଶନରେ ସମସ୍ତେ ଅତ୍ୟନ୍ତ ଉଦ୍‌ବିଗ୍ନ ଓ ଭୀତତ୍ରସ୍ତ ହୋଇ ସେହି ପ୍ରଭୁଙ୍କୁ ସ୍ତୁତି କରିବାକୁ ସମର୍ଥ ହେଲେ ନାହିଁ । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଶ୍ରୀନୃସିଂହଦେବଙ୍କ ପ୍ରାଚୀନ ବିହାରସ୍ଥଳୀ । ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଶ୍ରୀନୃସିଂହଦେବଙ୍କ ମନ୍ଦିର ବିଦ୍ୟମାନ । ଶ୍ରୀକ୍ଷେତ୍ରର ଦକ୍ଷିଣ ଦିଗରେ ମହର୍ଷି କଣ୍ଡୁଙ୍କ ଆଶ୍ରମରେ କଣ୍ଡୁନୃସିଂହ, ଉତ୍ତର ଦିଗରେ ଉଗ୍ରନୃସିଂହ ପୂଜା ପାଉଅଛନ୍ତି । ସେହିପରି ଶ୍ରୀମନ୍ଦିରରେ ଶ୍ରୀନୃସିଂହ ଉପାସନାର ପ୍ରାଧାନ୍ୟ ପରିଲକ୍ଷିତ ହୋଇଥାଏ । ମୁଖ୍ୟ ମନ୍ଦିର ସଂଲଗ୍ନ ପଶ୍ଚିମ ପାର୍ଶ୍ୱସ୍ଥ କ୍ଷୁଦ୍ର ମନ୍ଦିରରେ ନିଶା ନୃସିଂହ, ମୁକ୍ତିମଣ୍ଡପ ସମୀପସ୍ଥ ସୁରମ୍ୟ ମନ୍ଦିରରେ ମୁକ୍ତନୃସିଂହ, ଲକ୍ଷ୍ମୀମନ୍ଦିର ଜଗମୋହନର ଏକ ଠଣାରେ ଲକ୍ଷ୍ମୀନୃସିଂହ, ସରସ୍ୱତୀଙ୍କ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଚତୁର୍ଭୁଜ ବିଶିଷ୍ଟ ଶ୍ରୀନୃସିଂହ, ଉତ୍ତରଦ୍ୱାର ନିକଟବର୍ତ୍ତୀ ମା' ଉତ୍ତରାୟଣୀଙ୍କ ପାର୍ଶ୍ୱରେ ଶ୍ରୀଲକ୍ଷ୍ମୀନୃସିଂହ । ଦକ୍ଷିଣଦ୍ୱାର ଗୁମୁଟର ଦକ୍ଷିଣପାର୍ଶ୍ୱରେ ଚତୁର୍ଭୁଜବିଶିଷ୍ଟ ପୁରାଣ ନୃସିଂହ, ଭୋଗମଣ୍ଡପ ମନ୍ଦିର କାନ୍ଥରେ ଦୁଇଭୁଜ ବିଶିଷ୍ଟ ଶ୍ରୀନୃସିଂହ ବିରାଜମାନ କରିଅଛନ୍ତି ।

ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ଓ ମୁକ୍ତିମଣ୍ଡପର ସମ୍ମୁଖ ଭାଗରେ ଥିବା ଦକ୍ଷିଣି ଘରେ ଅବସ୍ଥାନ କରୁଥିବା ବିଜେ ପ୍ରତିମାମାନଙ୍କ ମଧ୍ୟରେ ଶ୍ରୀବାଢ଼ି ନୃସିଂହ ଓ ଶ୍ରୀଲକ୍ଷ୍ମୀ ନୃସିଂହ ଅନ୍ୟତମ । ଏହି ବିଜେ ପ୍ରତିମାମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉତ୍ସବମାନଙ୍କରେ ବିଜେ କରି ନୀତି ସମ୍ପାଦନା କରିଥାଆନ୍ତି ।

(କ୍ରମଶଃ...)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର – ଶ୍ରୀମନ୍ଦିରରେ 'ଝୋବାକଣ୍ଠି' କହିଲେ କ'ଣ ବୁଝାଯାଏ ?
ଉ – ଏହା ଏକ ଅଳଙ୍କାର ବିଶେଷ । ଶ୍ରୀଠାକୁରଙ୍କ କଟି ଦେଶ ନିମନ୍ତେ ସ୍ୱର୍ଣ୍ଣ ଝୁମ୍ପା ଲାଗିଥିବା ଏକ ପ୍ରକାର ଅଳଙ୍କାର ।

୨. ପ୍ର – ଶ୍ରୀମନ୍ଦିରରେ ଭକ୍ତମାନଙ୍କ ପାଇଁ ବ୍ୟବହୃତ 'ଟଙ୍କ ତୋରାଣି' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ – ଶ୍ରୀମନ୍ଦିରରେ ଆବଣ୍ଟନ କରାଯାଉଥିବା ଶ୍ରୀଅନ୍ନ ମହାପ୍ରସାଦରେ ଜଳ, ଦହି, ଟଭାପତ୍ର, ଲେମ୍ବୁପତ୍ର, ଲେମ୍ବୁ, ଭୃସୁଙ୍ଗା ପତ୍ର, ଗୋଲମରିଚ, ଅଦା ଇତ୍ୟାଦିର ମିଶ୍ରଣରେ ଏହା ପ୍ରସ୍ତୁତ ହୋଇଥାଏ । ପୂର୍ବେ ଆନନ୍ଦବଜାରସ୍ଥ ସ୍ନାନମଣ୍ଡପ ପଛରେ ଏହା ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ବିନା ଶୁଳ୍କରେ ଉପଲବ୍ଧ ହେଉଥିଲା । ମାତ୍ର ଏବେ ସେହି ସ୍ଥାନରେ କୁଡୁଆରେ ମୂଲ୍ୟ ପ୍ରତିବଦଳରେ ଭକ୍ତଙ୍କୁ ମିଳୁଛି । ଏହା ବ୍ୟତୀତ ଓଡ଼ିଆ ମଠ ଓ କବୀର ଚଉରାରେ ଏହା ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ଉପଲବ୍ଧ ହୋଇଥାଏ । କବୀର ଚଉରାରେ ଟଙ୍କ ତୋରାଣି ଦେଇ ଝାଡୁରେ ଆଶୀର୍ବାଦ କରାଯିବାର ଚଳଣି ରହିଛି ।

୩. ପ୍ର – ଶ୍ରୀମନ୍ଦିରରେ 'ଟହଲିଆ'ଙ୍କ ଭୂମିକା କ'ଣ ?
ଉ – ଦେବାଳୟ ମଠରେ ବୋଲ କରୁଥିବା କର୍ମଚାରୀ ବିଶେଷ ।

୪. ପ୍ର– ଶ୍ରୀମନ୍ଦିରରେ 'ଟେରା' କହିଲେ କ'ଣ ବୁଝାଯାଏ ?
ଉ– ଆଢୁଆଳ ବା କନାର ପରଦା । ଶ୍ରୀବିଗ୍ରହମାନଙ୍କ ପାଖରେ ପ୍ରସାଦ ଲାଗି କାଳରେ ଏହାର ବ୍ୟବହାର ହୁଏ ।

୫. ପ୍ର– ଶ୍ରୀମନ୍ଦିରରେ 'ଟେରା ପଡ଼ିବା' କହିଲେ କ'ଣ ବୁଝାଯାଏ ?
ଉ– ଭୋଗ ପୂର୍ବରୁ ଭିତରକାଠ ପାଖରେ ଟେରା ବନ୍ଧା ହୁଏ । ଅମୁଣିଆ ପାଣି ପଡ଼ିବା ଠାରୁ କନା ଟେରା ପଡ଼ିଥାଏ । ପୂଜା ବଢ଼ି ଦୀପ ଦେଲାପରେ ପଢ଼ିଆରୀ ଭିତର ଦ୍ୱାର ବନ୍ଦ କରେ । ଏହାକୁ ଟେରା ପଡ଼ିବା କହନ୍ତି ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାନ ବ୍ୟବସ୍ଥା

## (କ) ଦାନ ଯୋଜନା (Donation Schemes)

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣେ ଦାତା ନିମ୍ନ ଦାନ ଯୋଜନାଗୁଡ଼ିକ ମଧ୍ୟରେ ଦାନ କରିପାରିବେ ।

### ୧. ସାଧାରଣ ଦାନ ଯୋଜନା (General Donation)

ଏହି ଯୋଜନାରେ ଜଣେ ଦାତା ଯେକୌଣସି ପରିମାଣର ଦାନ କରିପାରିବେ ।

### ୨. କର୍ପସ ଫଣ୍ଡ୍ ଦାନ ଯୋଜନା (Corpus Fund Donation Scheme)

ଏହି ଯୋଜନାରେ ଜଣେ ଦାତା ସର୍ବନିମ୍ନ ୧ ଲକ୍ଷ ଟଙ୍କାରୁ ଅଧିକ ଦାନ କରିପାରିବ ।

ଶ୍ରୀମନ୍ଦିର ପରିଚାଳନା ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ରାଜ୍ୟ ସରକାରଙ୍କ ଅନୁମତିରେ ଚାଲିଛି ।

ଏହି ଯୋଜନାରେ ଦାତାଙ୍କୁ ଧ୍ୱଜା ବନ୍ଧନ, ଦୀପ, ମହାପ୍ରସାଦ ଭଳି କେତେକ ସ୍ୱତନ୍ତ୍ର ସୁବିଧା ସହିତ ଭକ୍ତ ନିବାସ ରହଣୀରେ ସୁବିଧା ମିଳିଥାଏ ।

### ୩. ମନ୍ଦିରର ମରାମତି କିମ୍ବା ନବୀକରଣ ସମ୍ପର୍କିତ ଦାନ (Donation for Repair or Renovation)

ଏହି ଯୋଜନାରେ ସର୍ବନିମ୍ନ ୫୦୦ ଟଙ୍କାରୁ ଅଧିକ ଦାନ କରିହେବ ।

କେବଳ ଏହି ଯୋଜନାରେ ଦାତାଙ୍କୁ ଆୟକର ନିୟମ ୧୯୬୧ର ଧାରା ୮୦-ଏ ଅନୁସାରେ ସୁବିଧା ମିଳିଥାଏ ।

## (ଖ) କେମିତି କରିହେବ ଦାନ (How to Donate)

ନିମ୍ନଲିଖିତ ଉପାୟରେ ଦାନ ଗ୍ରହଣ କରାଯାଉଛି । ସେଗୁଡ଼ିକ ହେଲା-

**୧. ଅନଲାଇନ୍ ଡୋନେସନ୍ (Online Donation)**

ଶ୍ରୀମନ୍ଦିର ପ୍ରଶାସନର ୱେବସାଇଟ୍ (www.shreejagannatha.in) ଜରିଆରେ ଦାନ କରିହେବ ।

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟସ୍ଥିତ ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର ପରିସରରେ ଥିବା ଶାଖା କାର୍ଯ୍ୟାଳୟ, ସିଂହଦ୍ୱାର ସ୍ଥିତ ସୂଚନା କେନ୍ଦ୍ର, ଶ୍ରୀଗୁଣ୍ଡିଚା ମନ୍ଦିର ସୂଚନା କେନ୍ଦ୍ର, ପୁରୀ ରେଳଷ୍ଟେସନ୍ ସୂଚନା କେନ୍ଦ୍ର ଏବଂ ଭୁବନେଶ୍ୱର ଜୟଦେବ ଭବନ ପରିସରସ୍ଥିତ ସୂଚନା କେନ୍ଦ୍ରରେ ମଧ ଦାନ ଗ୍ରହଣ କରାଯାଉଛି ।

୩. ଏହା ସହିତ ଦାତାମାନେ ଡିଡି (DD) / ଚେକ୍ (Cheque)/ମନିଅର୍ଡ଼ର (Money Order) ମାଧ୍ୟମରେ ବି ଦାନ ପଠାଇପାରିବେ ।

(In Favour of Administrator, SJTA, Puri.)

### ଠିକଣା ହେଲା

ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, କାର୍ଯ୍ୟାଳୟ, ପୁରୀ, ପିନ୍-୭୫୨୦୦୧

(ଗ) ଅଧିକ ସୂଚନା ପାଇଁ ଯୋଗାଯୋଗ କରିପାରିବେ -

୧. ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର କାର୍ଯ୍ୟାଳୟ- (୦୬୭୫୨-୨୫୨୬୦୧)

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନର ଇ-ମେଲ୍ ଜରିଆରେ ମଧ ସୂଚନା ପାଇହେବ । (jagannath.or@nic.in) ।

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

*Printed & Published by Shree Jagannatha Temple Administration, Puri, Ph. : 06752-222002, Fax - 252100*

*E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri, Mob- 9437022145*

*@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri* ମୂଲ୍ୟ : ଦୁଇଟଙ୍କା ମାତ୍ର